The Odisha Gazette

EXTRAORDINARY

PUBLISHED BY AUTHORITY

No. 674 CUTTACK, TUESDAY, MARCH 19, 2024/FALGUNA 29, 1945

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

The 21st December 2020

No. 695—IX(C)-5/2019—ଯେହେତୁ ଓଡିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାର ବାମେବାରୀ-ପଳଶା–ଗୁରୁଡା–କୋଇରା ରାସ୍ତାର ଉନ୍ନତି କରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଶ୍ରୀ ଯୋଡା ଥାନା-ଯୋଡା, ତହସିଲ-ବଡବିଲ, ଜିଲ୍ଲା କେନ୍ଦୁଝର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୦.୨୩ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୁଚୀ ରେ ପ୍ରଦର୍ଶିତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ , ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜାନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁ ବାମେବାରୀ-ପଳଶା–ଗୁରୁଡା–କୋଇରା ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ନିର୍ବାହୀ ଯନ୍ତ୍ରୀ (ଆରଏଣ୍ଡ ବି. ଡିଭିଜନ) କେନ୍ଦୁଝର ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ବାମେବାରୀ-ପଳଶା–ଗୁରୁଡା–କୋଇରା ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ -ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ ।ଏହି ବିକାଶ ପ୍ରକଳ୍ପଟି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଯଥାର୍ଥ ଅଟେ । ପ୍ରକଳ୍ପର ସକରାତ୍ମକ ପ୍ରଭାବ ଗୁଡିକ ନକରାତ୍ମକ ପ୍ରଭାବ ଠାରୁ ଯଥେଷ୍ଟ ଅଧିକ ।

୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ,ଚମ୍ପୁଆ ।

୬-ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଂଚଳ/ ସହରାଂଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ ର ନାମ
କେନ୍ଦୁଝର	ବଡବିଲ	ଶ୍ରୀ ଯୋଡା	ଗ୍ରାମାଂଚଳ	ସଂଲଗ୍ନ	ସଂଲଗ୍ନ	ଏ ୫.୨୩	ଏ ୦.୨୩	ସଂଲଗ୍ନ

ଉକ୍ତ ଅଧିସୁଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର ରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୂକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ପ୍ରକଳ୍ପ ର ନାମ- ବାମେବାରୀ-ପଳଶା–ଗୁରୁଡା–କୋଇରା ରାସ୍ତାର ଉନ୍ନତି କରଣ

ମୌଜା-ଶ୍ରୀ ଯୋଡା ଥାନା ନଂ-୫୭

ଥାନା-ଯୋଡା ତହସିଲ ନଂ-୨

ତହସିଲ-ବଡବିଲ

ଜିଲ୍ଲା-କେନ୍ଦୁଝର

କ୍ରମିକ ନଂ	ଖତିଆନ ନଂ	ପ୍ରଜାର ନାମ ଓ ଠିକଣା	ପ୍ଲଟ ନଂ	କିସମ	ମୋଟ ରକବା	ଅର୍ଜନ ରକବା	ମନ୍ତବ୍ୟ
୧	୧୦	ମହମଦ ମଜରୁଲ୍ଲୁହକ,ମହମଦ ଏକ୍ରାମୁଲ ହକ,ପିତା- ମହମଦ ସିରାଜୁଦ୍ଦିନି,ଜା-ମୁସଲମାନ,ବା-ଝୁମ୍ପୁରା	୨	ପତିତ	୦.୫୨	୦.୦୫	
			୭୦	ପତିତ	୪.୭୧	୦.୧୮	
				ମୋଟ	୫.୨୩	୦.୨୩	

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ଆଶିଷ ଠାକ୍‌ରେ
ଜିଲ୍ଲାପାଳ, କେନ୍ଦୁଝର

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2884—173+12